## ପୂଜା ବିଧିରେ ସୀମିତ ରାମନବମୀ

**ମାଧପୁର:** ଆଠମଲ୍ଲିକ ବ୍ଲକ କିଆକଟା ପଞ୍ଚାୟତ କାଦପଡା ଗ୍ରାମରେ ବୁଧବାର ରାମନବମୀ ଯାତ୍ରା କେବଳ ପୂଜା ବିଧିରେ ସୀମିତ ରହିଛି। ପ୍ରତ୍ୟେକ ବର୍ଷ ଏହା ୧୦ ଦିନ ଧରି ଧୁମ୍‌ଧାମ୍‌ରେ ଚାଲିଥାଏ। ହେଲେ ଚଳିତ ବର୍ଷ କରୋନା କଟକଣା ଯୋଗୁ ଯାତ୍ରା ବନ୍ଦ ରହିଛି। ହରିହର ପାଢ଼ୀ ପୂଜା କାର୍ଯ୍ୟ କରିଥିବାବେଳେ ମିନିସ ମହାନ୍ତି କର୍ତ୍ତା ଓ ଗ୍ରାମ ସଭାପତି ବଶିଷ୍ଠ ଦେହୁରୀ, ସମ୍ପାଦକ ଗଣେଶ୍ୱର ବରିହା, ସୁମନ୍ତ ପ୍ରଧାନ, ସଞ୍ଜୟ ପ୍ରଧାନ, ତପନ ଦେହୁରୀ, ପ୍ରଭାତ ଗିଡ଼ିଆଲ, ସ୍ୱଦେଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଚକିତ ନୁହେଁ, ଚିନ୍ତିତ

- ମାଟ୍ରିକ୍ ପରୀକ୍ଷା ସମ୍ପର୍କରେ ସ୍ଥିତି ସ୍ପଷ୍ଟ କଲେ ସରକାର
- ସ୍ଥଗିତ ପରେ ବାତିଲ ହୋଇଯିବା ଜଣାପଡୁଥିଲା
- ମାର୍କ ମାନଦଣ୍ଡକୁ ନେଇ ସଭିଙ୍କ ମନରେ ଆଶଙ୍କା

**ଅମିତ କୁମାର ସାମଲ**
**ଅନୁଗୋଳ ଅଫିସ, ୨୧।୪**

ରାଜ୍ୟରେ କରୋନା ଯେପରି କାୟା ମେଲାଇ ଚାଲିଛି, ତହିଁରେ ମାଟ୍ରିକ ପରୀକ୍ଷା କରିବା ସମ୍ଭବ ନୁହେଁ। ଏହା ଉପଲବ୍ଧି କରିବା ପରେ ଆସନ୍ତା ମେ' ୩ ତାରିଖରୁ ହେବାକୁ ଥିବା ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାକୁ ସରକାର ପ୍ରଥମେ ସ୍ଥଗିତ ରଖିଲେ। ଜୁନ୍ ପ୍ରଥମ ସପ୍ତାହରେ ସ୍ଥିତି ସମୀକ୍ଷା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଗତ ୧୫ ତାରିଖରେ କହିଥିଲେ। ଏଥିରୁ ମାଟ୍ରିକ ପରୀକ୍ଷାକୁ ନେଇ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସିବିଏସ୍‌ଇ ଓ ଆଇସିଏସ୍‌ଇ ବୋର୍ଡ ଠାରୁ ଯେ ଭିନ୍ନ ନୁହେଁ, ତାହା ଜଣାପଡୁଥିଲା। ହେଲେ ସ୍ଥଗିତ ଘୋଷଣାର ମାତ୍ର ୫ ଦିନ ପରେ ବୁଧବାର ମାଟ୍ରିକ ପରୀକ୍ଷା ବାତିଲ ନେଇ ସରକାରଙ୍କ ନିଷ୍ପତ୍ତି ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷାବିତ୍‌ଙ୍କୁ ଚକିତ କରିନାହିଁ। ହେଲେ କେଉଁ ମାନଦଣ୍ଡରେ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ମାର୍କ ପ୍ରଦାନ କରାଯିବ ତାହାକୁ ନେଇ ସମସ୍ତେ ଚିନ୍ତାରେ ପଡ଼ିଛନ୍ତି।

କରୋନା ସଂକ୍ରମଣ ହୁ ହୁ ହୋଇ ବଢୁଥିବାରୁ ସିବିଏସ୍‌ଇ ଓ ଆଇସିଏସ୍‌ଇ ବୋର୍ଡ କର୍ତ୍ତୃପକ୍ଷ ଦଶମ ଶ୍ରେଣୀ ପରୀକ୍ଷା ବାତିଲ ନେଇ ପୂର୍ବରୁ ଘୋଷଣା କରିଥିଲେ। ଏହା ପରେ ସମସ୍ତଙ୍କ ନଜର ଥିଲା ରାଜ୍ୟ ସରକାରଙ୍କ ଉପରେ। ମାଟ୍ରିକ ପରୀକ୍ଷାକୁ ସ୍ଥଗିତ ରଖିଥିବା ସରକାର କେଉଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବେ ସେ ନେଇ ନାନା ଆଲୋଚନା, ପର୍ଯ୍ୟାଲୋଚନା ଚାଲିଥିଲା। ରାଜ୍ୟର ୬ ଲକ୍ଷରୁ ଊର୍ଦ୍ଧ୍ୱ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଅନୁଗୋଳ ଜିଲାରୁ ୧୮ ହଜାର ୯୯୬ ଜଣ ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେବାକୁ ପ୍ରସ୍ତୁତି ଶେଷ କରିଥିଲେ। ଏଥିପାଇଁ ୯୪ଟି କେନ୍ଦ୍ର କରାଯିବାକୁ ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ବୋର୍ଡକୁ ପ୍ରସ୍ତାବ ଦିଆଯାଇଥିଲା। ପ୍ରଶ୍ନପତ୍ର ରଖିବାକୁ ୮ଟି ବ୍ଲକରେ ୮ଟି ନୋଡାଲ ସେଣ୍ଟର ଚିହ୍ନଟ ମଧ୍ୟ କରାଯାଇଥିଲା। କିନ୍ତୁ ପରୀକ୍ଷା ବାତିଲ ହୋଇଯାଇଥିବାରୁ ସେସବୁ ପ୍ରସ୍ତୁତିରେ ରୋକ୍ ଲାଗିଛି। ଏ ନେଇ ଜିଲା ଶିକ୍ଷା କାର୍ଯ୍ୟାଳୟ ମଧ୍ୟ ନୀରବ ହୋଇଯାଇଛି। ସରକାର ତାଙ୍କ ନିଷ୍ପତ୍ତି ଜଣାଇ ଦେଇଥିବାରୁ ପରୀକ୍ଷା ଆଉ ହେବ ନାହିଁ ବୋଲି ଛାତ୍ରୀଛାତ୍ର, ଅଭିଭାବକମାନେ ଜାଣିସାରିଛନ୍ତି। ହେଲେ ବୋର୍ଡ ପକ୍ଷରୁ ପିଲାଙ୍କ ଦକ୍ଷତା ଅନୁଯାୟୀ କିପରି ମାର୍କ ଦିଆଯିବ ତାହାକୁ ନେଇ ସେମାନେ ଆଶଙ୍କା ମଧ୍ୟରେ ଥିବାବେଳେ ଶିକ୍ଷାବିତ୍‌ମାନେ ମଧ୍ୟ ଏପରି ନିୟମ ପୂର୍ବରୁ ନ ଥିବା କହିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, କୌଣସି ଅସୁବିଧାଜନକ ପରିସ୍ଥିତିରେ ପରୀକ୍ଷାର୍ଥୀଙ୍କୁ ଗ୍ରେସ୍ ମାର୍କ ଦିଆଯିବା ବ୍ୟବସ୍ଥା ରହିଛି। କିନ୍ତୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ଦ୍ଧାରଣ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ବୋର୍ଡ ପରୀକ୍ଷା କରା ନ ଯାଇ କିପରି ଏତେ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ଦକ୍ଷତା ଅନୁଯାୟୀ ମାର୍କ ଦିଆଯିବ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାଛଡ଼ା ନମ୍ବରକୁ ନେଇ ଯେଉଁ ଛାତ୍ରୀଛାତ୍ରମାନେ ସନ୍ତୁଷ୍ଟ ନ ହେବେ, ସେମାନେ ପରବର୍ତ୍ତୀ ସମୟରେ ପରୀକ୍ଷା ଦେବେ ବୋଲି କୁହାଯିବା ଆଉ ଏକ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି ଶିକ୍ଷାବିତ୍‌ମାନେ ପ୍ରକାଶ କରିଛନ୍ତି।

### ମେଧାବୀଙ୍କ ଭବିଷ୍ୟତକୁ ଶକ୍ତ ଧକ୍କା



"ଆଗୁଆ ହେଉ କି ବିଳମ୍ବରେ, ପରୀକ୍ଷା କରାଯାଇଥିଲେ ପିଲାମାନଙ୍କ ଦକ୍ଷତା ସମ୍ପର୍କରେ ସମସ୍ତେ ଜାଣି ପାରିଥାନ୍ତେ। କିନ୍ତୁ ବିନା ପରୀକ୍ଷାରେ ମାର୍କ ଦିଆଯିବା ଆଗାମୀ ଦିନରେ ଅଡୁଆ ପରିସ୍ଥିତି ସୃଷ୍ଟି କରିବ। ଏହା ମେଧାବୀମାନଙ୍କ ଭବିଷ୍ୟତକୁ ଶକ୍ତ ଧକ୍କା ଦେଇଛି।

-ଅନନ୍ତ ଚରଣ ପ୍ରଧାନ, ଶିକ୍ଷାବିତ୍, ଅନୁଗୋଳ

### ସ୍ଥିତି ଦେଖି ପରୀକ୍ଷା କରିବାର ଥିଲା



"ବର୍ତ୍ତମାନ ବଢୁଥିବା କରୋନା ସଂକ୍ରମଣ ନିୟନ୍ତ୍ରଣକୁ ଆସିବା ପରେ ମାଟ୍ରିକ ପରୀକ୍ଷା କରାଯାଇଥିଲେ ଭଲ ହୋଇଥାନ୍ତା। ବାତିଲ ଘୋଷଣା ନ କରି ସରକାର ଆଉ କିଛି ଦିନ ଅପେକ୍ଷା କରିଥିଲେ ଛାତ୍ରୀଛାତ୍ରମାନଙ୍କ ଉପଯୁକ୍ତ ଦକ୍ଷତା ଜଣାପଡ଼ିଥାନ୍ତା।

-ପ୍ରଦ୍ୟୁମ୍ନ ବେହେରା, ଅଭିଭାବକ, ଅନୁଗୋଳ

### କେଉଁ ଆଧାରରେ ମାର୍କ ଦିଆଯିବ



"ଠିକ୍ ଭାବେ ପାଠପଢ଼ା ହୋଇ ନ ଥିଲେ ମଧ୍ୟ ପିଲାମାନେ ସେମାନଙ୍କ ପରିଶ୍ରମ ଅନୁଯାୟୀ ପରୀକ୍ଷା ଦେଇ ନମ୍ବର ପାଇପାରିଥାନ୍ତେ। କିନ୍ତୁ ମହାମାରୀକୁ ଦେଖି ସରକାରଙ୍କ ନିଷ୍ପତ୍ତି ମନ୍ଦ ନୁହେଁ। ତଥାପି କେଉଁ ଆଧାରରେ ମୂଲ୍ୟାୟନ ହେବ ତାହା ଚିନ୍ତାର ବିଷୟ।

-ହାଡ଼ିବନ୍ଧୁ ପ୍ରଧାନ, ଅଭିଭାବକ, ଅନୁଗୋଳ

### ବୋର୍ଡ ଅନ୍ଧାରରେ ବାଡ଼ି ବୁଲାଇବ



"ପରୀକ୍ଷା ବାତିଲ ଦ୍ୱାରା ପାଠରେ ପଛୁଆ ଥିବା ପିଲାମାନେ ଉତ୍ସାହିତ ହୋଇଛନ୍ତି। କରୋନା ଗାଇଡ୍‌ଲାଇନ୍ ପାଳନ କରି ନିଟ୍ ଭଳି ସଂକ୍ଷିପ୍ତ ପ୍ରଶ୍ନ ଦ୍ୱାରା ଦିନିକିଆ ପରୀକ୍ଷା କରାଯାଉ। ନଚେତ୍ ମାର୍କ ଦେଲାବେଳେ ବୋର୍ଡ ଅନ୍ଧାରରେ ବାଡ଼ି ବୁଲାଇବା ସାର ହେବ।

-କିଶୋର ଚନ୍ଦ୍ର କର, ପ୍ରଧାନ ଶିକ୍ଷକ, ଜଗନ୍ନାଥ ହାଇସ୍କୁଲ, ତାଳଚେର

### ଘରୋଇ-ସରକାରୀ ଫଳ ବ୍ୟବଧାନ ବଢ଼ିବ



"ସରକାର ଯଥାର୍ଥ ନିଷ୍ପତ୍ତି ନେଇଛନ୍ତି। ତଥାପି ମେଧାବୀ ଛାତ୍ରୀଛାତ୍ରଙ୍କ ମନସ୍ତତ୍ତ୍ୱ ବହୁଳ ଭାବେ ପ୍ରଭାବିତ ହେବ। ବୋର୍ଡ କର୍ତ୍ତୃପକ୍ଷ ଯଥାର୍ଥ ମୂଲ୍ୟାୟନ ନ କଲେ ସରକାରୀ ଓ ଘରୋଇ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମାର୍କରେ ଅଧିକ ବ୍ୟବଧାନ ପରିଲକ୍ଷିତ ହେବ।

-ତ୍ରିପୁରାରୀ ନାଥ, ଶିକ୍ଷାବିତ୍, ଅନୁଗୋଳ

### ନାମ ଲେଖାରେ ସମସ୍ୟା ହେବ



"ସିବିଏସ୍‌ଇ ଓ ଆଇସିଏସ୍‌ଇ ଭଳି ଆମ ବୋର୍ଡର ପ୍ରସ୍ତୁତି ନାହିଁ। ଫଳରେ ପରୀକ୍ଷାଫଳ ପ୍ରକାଶରେ ସମସ୍ୟା ହେବ। କଲେଜରେ ନାମ ଲେଖାବେଳେ ଅଡୁଆ ପରିସ୍ଥିତି ଉପୁଜିବ। ରେଗୁଲାର ଓ ଏକ୍ସ-ରେଗୁଲାରଙ୍କ କେମିତି ମୂଲ୍ୟାୟନ ହେବ ତାହା ଜଣାପଡୁନି।

-ତରଣୀସେନ ସାହୁ, ଜିଲା ସମ୍ପାଦକ, ଓଷ୍ଟା

### ମେଧାବୀଙ୍କୁ ଭୁଲ୍ ରାସ୍ତାରେ ନେବ



"ସିବିଏସ୍‌ଇକୁ ଅନୁସରଣ କରି ଏହା କରାଯାଇଛି। ସିବିଏସ୍‌ଇରେ ତ୍ରୈମାସିକ ଓ ଷାଣ୍ମାସିକ ପରୀକ୍ଷା ସହ ନବମ ଶ୍ରେଣୀ ପରୀକ୍ଷା ନମ୍ବର ଦଶମ ଶ୍ରେଣୀ ପରୀକ୍ଷା ଫଳରେ ଯୋଗ କରିବାର ପଦ୍ଧତି ଅଛି, ଯାହାକୁ ଆମ ବୋର୍ଡ ଏଯାଏ ଆପଣାଇ ନାହିଁ। ତେଣୁ ମୂଲ୍ୟାଙ୍କନ ମେଧାବୀଙ୍କୁ ଭୁଲ୍ ରାସ୍ତାରେ ନେବ।

-ନରେନ୍ଦ୍ର କୁମାର ପାଇକରାୟ, ଶିକ୍ଷାବିତ୍, ଅନୁଗୋଳ

## ବଢ଼ିଲା ସଂକ୍ରମଣ, ୧୩୮ ଚିହ୍ନଟ

**ଅନୁଗୋଳ ଅଫିସ, ୨୧।୪**

ଅନୁଗୋଳ ଜିଲାରେ ମଙ୍ଗଳବାର ଶତକ ଛୁଇଁଥିବା କରୋନ ସଂକ୍ରମଣ ଆହୁରି ବଢ଼ିଯାଇଛି। ବୁଧବାର ୧୩୮ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୩ ହଜାର ୪୩୮ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ତାଳଚେର ପୌରାଞ୍ଚଳରୁ ୨୪ଜଣ, ବଣ୍ଡାରପାଳ ବ୍ଲକରୁ ୨୪, ତାଳଚେର ବ୍ଲକ୍‌ରୁ ୨୨, କିଶୋରନଗର ବ୍ଲକରୁ ୧୯, ଅନୁଗୋଳ ପୌରାଞ୍ଚଳରୁ ୧୮, ଛେଣ୍ଡିପଦା ବ୍ଲକରୁ ୧୬, ଅନୁଗୋଳ ବ୍ଲକରୁ ୬, କଣିହାଁ ବ୍ଲକରୁ ୬, ଆଠମଲ୍ଲିକ ବ୍ଲକରୁ ୨ ଓ ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ଜଣେ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୨୯ ଜଣ କରୋନାରୁ ସୁସ୍ଥ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଦିନକରେ ବାହାରିଲେ ୩୧ ଆକ୍ରାନ୍ତ

**ଢେଙ୍କାନାଳ ଅଫିସ, ୨୧।୪**

ଢେଙ୍କାନାଳ ଜିଲାରେ ବୁଧବାର ଦିନକରେ ୩୧ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିସହ ୩ଜଣ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୮, ସଦର ବ୍ଲକର ୭, କଙ୍କଡ଼ାହାଡ଼ ବ୍ଲକର ୫, ଭୁବନ ଏନ୍‌ଏସିର ୪, ଗଁଦିଆ ବ୍ଲକର ୩, ଭୁବନ, ପରଜଙ୍ଗ, ହିନ୍ଦୋଳ ଏବଂ ଓଡ଼ାପଡ଼ା ବ୍ଲକରୁ ଜଣେ ଲେଖାଏ ଅଛନ୍ତି। ଏହାକୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୫,୯୧୭ରେ ପହଞ୍ଚିଛି। ସେହିପରି ଚିକିତ୍ସା ପରେ ୫,୭୩୫ଜଣ ସୁସ୍ଥ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ସଂକ୍ଷେପରେ

### ଦଳିତ ମୋର୍ଚ୍ଚା ପଦାଧିକାରୀଙ୍କ ନାମ ଘୋଷଣା

**ଢେଙ୍କାନାଳ ଅଫିସ, ୨୧।୪:** ଢେଙ୍କାନାଳ ଜିଲା ଭାଜପା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ଅନୁମୋଦନ କ୍ରମେ ଦଳିତ ମୋର୍ଚ୍ଚା ଜିଲା ସଭାପତି ରାହୁଲରାୟ୍ ମହାଲିକ ବୁଧବାର ନୂତନ ପଦାଧିକାରୀଙ୍କ ନାମ ଘୋଷଣା କରିଛନ୍ତି। ଜିଲା ଉପସଭାପତି ଭାବେ ସୁରେଶ ନାଏକ, ସନ୍ତୋଷ ବେହେରା, ନିରୁପମା ବେହେରା, ନୃସିଂହ ଚରଣ ସେଠୀ, ସାଧାରଣ ସମ୍ପାଦକ କ୍ଷୀରୋଦ ବେହେରା, ନୃସିଂହ ଚରଣ ମହାଲିକ, ସମ୍ପାଦକ ସତ୍ୟାନନ୍ଦ ପ୍ରଧାନ, ଅନାମ ମଲିକ, ସୁଶାନ୍ତ ନାଏକ, ଜ୍ୟୋତ୍ସ୍ନା ମଲ୍ଲିକ, ପ୍ରମୋଦ ନାଏକ, କୋଷାଧ୍ୟକ୍ଷ ଭାବେ ଅନାଦି ମଲ୍ଲିକ, ସୋସିଆଲ ମିଡିଆ ପ୍ରଭାରୀ ଭାବେ ଲିପୁନ୍ ବେହେରାଙ୍କୁ ଚୟନ କରାଯାଇଛି। ଏଥିସହ ମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟଙ୍କ ନାମ ଘୋଷଣା କରାଯାଇଥିବା ଜିଲା ମିଡିଆ ସେଲ୍ ପ୍ରଭାରୀ ନବକିଶୋର ଗୁରୁ ସୂଚନା ଦେଇଛନ୍ତି।

### ସାଇ ମନ୍ଦିର ବାର୍ଷିକ ଉତ୍ସବ



**କାମାକ୍ଷାନଗର, ୨୧।୪(ଡି.ଏନ.ଏ.):** କାମାକ୍ଷାନଗର ନୂଆ ଆଲତୁମାସ୍ଥିତ ଶିରିଡି ସାଇମନ୍ଦିରରେ ବୁଧବାର ମନ୍ଦିରର ବାର୍ଷିକ ଉତ୍ସବ ଏବଂ ଶ୍ରୀରାମ ନବମୀ କୋଭିଡ୍ ଗାଇଡ୍‌ଲାଇନ୍ ଅନୁଯାୟୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ନଗର କୀର୍ତ୍ତନ, ବାଲଧୂପ, ଷୋଡ଼ଶ ଉପଚାର ପୂଜା, ଯଜ୍ଞ ଯଥାରୀତି କରାଯାଇଥିଲା। ପଣ୍ଡିତ ସରୋଜ ଦାଶ, ଚିତ୍ତରଞ୍ଜନ ମିଶ୍ର ପୂଜାକାର୍ଯ୍ୟ ଏବଂ ଶାନ୍ତନୁ ପଟ୍ଟନାୟକ, ଚଇତାଳି ପଟ୍ଟନାୟକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଶ୍ରୀକାନ୍ତ ଜୀ, ଶାନ୍ତବାଳା ଜୀ, ସର୍ବଜିତ୍ ଜୀ, ବିପଶା ଦେଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନାବାଳିକାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ଅନୁଗୋଳ ଅଫିସ, ୨୧।୪:** ଅନୁଗୋଳ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବୁଧବାର ଦୁଇ ଜଣ ଯୁବକ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ମା' ଲିଖିତ ଅଭିଯୋଗ କରିବା ପରେ ଅନୁଗୋଳ ଥାନାରେ ଏକ ମାମଲା ରୁଜୁ ହୋଇଛି। ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି, ନାବାଳିକା ଜଣକ ଖେଳୁଥିବା ସମୟରେ ଦୁଇ ଯୁବକ ଟଣାଓଟରା କରିଥିବା ଅଭିଯୋଗରେ ଦର୍ଶାଯାଇଛି।

### ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

**ଅନୁଗୋଳ ଅଫିସ, ୨୧।୪:** ଅନୁଗୋଳ ଥାନା କୁକୁଡ଼ାଙ୍ଗ ଅଞ୍ଚଳ ଏକଘରିଆ ଗ୍ରାମର ଅଜୟ ଗୋଚ୍ଛାୟତଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୋଲିସ ନିରଞ୍ଜନ ଗୋଚ୍ଛାୟତଙ୍କୁ ଗିରଫ କରିଛି। ଏକ ଏକୋଇଶିଆ ଉତ୍ସବ ସମୟରେ ମଦ୍ୟପାନ କରି ନିରଞ୍ଜନ ଇଟାରେ ଅଜୟଙ୍କୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟିଯାଇଥିଲା। ଲିଖିତ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

### ସିଲ୍ ହେଲା ୨ ଜୁସ୍ ଦୋକାନ

**ଅନୁଗୋଳ ଅଫିସ, ୨୧।୪:** କରୋନା କଟକଣା ଉଲ୍ଲଂଘନ ଅଭିଯୋଗରେ ଅନୁଗୋଳ ବସ୍‌ଷ୍ଟାଣ୍ଡ ଠାରେ ଦୁଇଟି ଜୁସ୍ ଦୋକାନକୁ ଅନୁଗୋଳ ପୋଲିସ ସିଲ୍ କରିଛି। ବାରମ୍ବାର ସଚେତନ କରାଯିବା ସତ୍ତ୍ୱେ ଦୋକାନୀ ନିୟମ ଉଲ୍ଲଂଘନ କରୁଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି।

### ଆଦର୍ଶ ବିଦ୍ୟାଳୟ ସ୍ଥାପନ ସମୀକ୍ଷା ବୈଠକ

**ବଇଣ୍ଡା, ୨୧।୪(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ବନମାଳୀପୁରଠାରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ ନେଇ ବୁଧବାର ଜିଲା ଶିକ୍ଷାବିଭାଗ ପକ୍ଷରୁ କୃତିବାସପୁର ହାଇସ୍କୁଲ ପରିସରରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷାଧିକାରୀ କଳ୍ପନା ବେହେରା, ବିଜ୍ଞାନ ନିରୀକ୍ଷକ କେଦାର ବେହେରା, କୃତିବାସପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ସାହୁ, ଶିକ୍ଷକ ସୁବାସ ବେହେରା, ଆପୋଲ ପାଇଲ, ଦୀପକ ସାହୁ, ଗ୍ରାମବାସୀ ଶରତ ଚନ୍ଦ୍ର ସାହୁ, ରଞ୍ଜିତ ବେହେରା ପ୍ରମୁଖ ଉପସ୍ଥିତ ରହି ସମୀକ୍ଷା କରିଥିଲେ। ବିଦ୍ୟାଳୟ ନିର୍ମାଣ ନିମନ୍ତେ ଜମି ଯାଞ୍ଚ କରିଥିଲେ।



ପବିତ୍ର ଶ୍ରୀରାମ ନବମୀ ଅବସରରେ ବୁଧବାର ଅନୁଗୋଳ ଶୈଳ ଶ୍ରୀକ୍ଷେତ୍ରରେ ୩ ଠାକୁରଙ୍କ ଶ୍ରୀରାମ ବେଶ। (ଫଟୋ- ବୁଟୁ)

## ଆମ୍ବୁଲାନ୍ସ-ବୁଲେଟ ଧକ୍କା, ୩ ଗୁରୁତର

**ବନ୍ତଳା, ୨୧।୪(ଡି.ଏନ.ଏ.)**

ବନ୍ତଳା ଥାନା ବେଡାଶାସନ ଛକ ନିକଟରେ ଆମ୍ବୁଲାନ୍ସ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍‌ରେ ବସିଥିବା ଜରଡ଼ା ଗ୍ରାମର ବିକାଶ ଦାସ, ଲିଟୁ ସିଂହସାମନ୍ତ ଓ ଚିକୁ ଦାସ ଗୁରୁତର ହୋଇଛନ୍ତି। ସେମାନେ କୌଣସି କାମରେ ବେଡାଶାସନ ଗ୍ରାମକୁ ଆସିଥିଲେ। ରାତିରେ ଫେରୁଥିବାବେଳେ ଆମ୍ବୁଲାନ୍ସ (ନଂ. ଓଆର୧୮ବି-୬୧୯୮) ସହ ଧକ୍କା ହୋଇଥିଲା। ଆମ୍ବୁଲାନ୍ସ ଡ୍ରାଇଭର ଫେରାର ହୋଇଯାଇଥିବାବେଳେ ରୋଗୀ ଓ ସମ୍ପର୍କୀୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବନ୍ତଳା ପୋଲିସ ଓ ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ବିକାଶ ଓ ଲିଟୁଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ପୋଲିସ ଆମ୍ବୁଲାନ୍ସରେ ଥିବା ରୋଗୀ ଓ ସମ୍ପର୍କୀୟଙ୍କୁ ଅନ୍ୟ ଏକ ଗାଡ଼ିରେ କଟକ ପଠାଇଛି।

## ୨ ଡମ୍ପର, ଜେସିବି ଜବତ

**ଅନୁଗୋଳ ଅଫିସ, ୨୧।୪**

ଅନୁଗୋଳ ପୌରାଞ୍ଚଳରେ ହେଉଥିବା ଉନ୍ନୟନ କାର୍ଯ୍ୟରେ ସରକାରୀ ଜାଗାରୁ ଚୋରାରେ ମାଟି ଅଣାଯାଇ ବ୍ୟବହାର ହେଉଥିଲା। ଏ ନେଇ ଅନୁଗୋଳ ପୋଲିସ ଖବର ପାଇବା ପରେ ଚଢ଼ାଉ କରି ସ୍ଥାନୀୟ ଗାଣ୍ଡୁ ପଡ଼ିଆରୁ ମାଟି ଆଣୁଥିବା ୨ଟି ଡମ୍ପରକୁ ଅଟକାଇଥିଲା। ଚାଳକ ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ୨ଟି ଗାଡ଼ିକୁ ପୋଲିସ ଥାନାକୁ ଆଣି ଅଟକ ରଖିଛି। ସେହିପରି ଚୋରା ଚାଲାଣ ସ୍ଥଳରୁ ଏକ ଜେସିବିକୁ ମଧ୍ୟ ପୋଲିସ ଜବତ କରିଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି। ଏହି ଘଟଣାରେ ଠିକାଦାର ଟିଙ୍କ ଜେନାକୁ ପୋଲିସ ଗିରଫ କରିଥିବା ସୂଚନା ମିଳିଛି। ରାତ୍ରିକାଳୀନ କର୍ଫ୍ୟୁରୁ ଫାଇଦା ଉଠାଇ ମାଫିଆମାନେ ଲଘୁ ଖଣିଜ ଚୋରା ଚାଲାଣ କରୁଥିବା ନେଇ 'ଧରିତ୍ରୀ'ରେ ଗତ ୧୯ ତାରିଖରେ ଖବର ପ୍ରକାଶ ପରେ ପୋଲିସର ନିଦ ଭାଙ୍ଗିଛି।

## ରାମନବମୀରେ ସପ୍ତଶଯ୍ୟା ଜନଶୂନ୍ୟ

**ଢେଙ୍କାନାଳ ଅଫିସ, ୨୧।୪**

ଢେଙ୍କାନାଳ ଜିଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ସପ୍ତଶଯ୍ୟାସ୍ଥିତ ରାମମନ୍ଦିରରେ କୋଭିଡ୍ କଟକଣା ଭିତରେ ବୁଧବାର ପାଳିତ ହୋଇଛି ରାମନବମୀ। ପ୍ରଶାସନର ଗାଇଡ୍‌ଲାଇନ୍ ଅନୁଯାୟୀ ସମସ୍ତ କାର୍ଯ୍ୟକ୍ରମ ହୋଇଥିବାବେଳେ ଜନଶୂନ୍ୟ ହୋଇପଡ଼ିଥିଲା ପୀଠ ପରିସର।

ଚଳିତବର୍ଷ ସପ୍ତଶଯ୍ୟା ପୀଠରେ ରାମନବମୀ ଉତ୍ସବ ପାଳନକୁ ୫୦ବର୍ଷ ପୂରିଛି। ଏଥିସହ ପର୍ଯ୍ୟଟକଙ୍କ ନୂଆ ଅନୁଭୂତି ଦେବାକୁ ମନ୍ଦିରର ନବକଳେବର କରାଯାଇଛି। ପୀଠ ପାଦଦେଶ, ପାହାଚ, ମୁଖ୍ୟମନ୍ଦିର, ପାର୍ଶ୍ୱମନ୍ଦିର ନୂଆ ରଙ୍ଗରେ ଝଲସୁଛି। ମନ୍ଦିର ପାହାଚରେ ରେଲିଂ ବ୍ୟବସ୍ଥା ସହ ସମ୍ପୂର୍ଣ୍ଣ ପୀଠ ପରିସରକୁ କଂକ୍ରିଟ କରାଯାଇଛି। ରାମନବମୀ ଉପଲକ୍ଷେ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ନୀତିକାନ୍ତି, ନବାହ୍ନ ପାରାୟଣ, ହୋମଯଜ୍ଞ ଏବଂ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ଆଖପାଖ ଗ୍ରାମରେ ହାତଗଣତି ଲୋକେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୧୯୫୬ରେ ସପ୍ତଶଯ୍ୟାରେ ମହାପ୍ରଭୁ ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ୧୯୭୧ରେ ପୀଠରେ ପ୍ରଥମଥର ରାମନବମୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ କୋଭିଡ ସଂକ୍ରମଣ ବୃଦ୍ଧି ପାଉଥିବାରୁ ଶ୍ରଦ୍ଧାଳୁଙ୍କ ମନ୍ଦିର ପ୍ରବେଶ ବାରଣ କରାଯାଇଥିଲା। ତହସିଲଦାର ଲକ୍ଷ୍ମୀଧର ରାଉତ, ସପ୍ତଶଯ୍ୟା ସରପଞ୍ଚ ଜେଶସ ସାହୁ, ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ପ୍ରମୁଖ ପୋଲିସ ସହ ଉପସ୍ଥିତ ରହି ଯାଞ୍ଚ କାର୍ଯ୍ୟ ତଦାରଖ କରିଥିଲେ।



ରାମନବମୀରେ ସପ୍ତଶଯ୍ୟା ପୀଠ ଖାଁ ଖାଁ।

## ମେଡିକାଲ ମହିଳା ୱାର୍ଡରୁ ୨ ପଜିଟିଭ୍

**ଅନୁଗୋଳ ଅଫିସ, ୨୧।୪**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ମହିଳା ୱାର୍ଡରୁ ଦୁଇ ଦିନରେ ୨ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଘଟଣା ଜଣାପଡ଼ିବା ପରେ ଅନ୍ୟ ରୋଗୀ ଓ ସେଠାରେ ଥିବା ସମ୍ପର୍କୀୟଙ୍କ ମଧ୍ୟରେ ଛନକା ପଶିଯାଇଛି। ମେଡିକାଲ କର୍ତ୍ତୃପକ୍ଷ ତୁରନ୍ତ ମହିଳା ୱାର୍ଡକୁ ସାନିଟାଇଜ୍ କରିଥିବା ଜଣାପଡ଼ିଛି। ମଙ୍ଗଳବାର ଜଣେ ମହିଳା ରୋଗୀଙ୍କ ସ୍ୱାବ୍ ପରୀକ୍ଷା ପରେ ରିପୋର୍ଟ ପଜିଟିଭ୍ ଆସିଥିଲା। ଏହାପରେ ତାଙ୍କୁ ତୁରନ୍ତ ଆଇସୋଲେଶନ୍ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ସେହିଭଳି ବୁଧବାର ପୂର୍ବାହ୍ନରେ ଅନ୍ୟ ଜଣେ ମହିଳା ରୋଗୀଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ୍ ଆସିଥିବା ଜଣାପଡ଼ିଥିଲା। ତାଙ୍କୁ ମଧ୍ୟ ଆଇସୋଲେଶନ୍ ୱାର୍ଡକୁ ସ୍ଥାନାନ୍ତର କରାଯାଇଛି। ପୂରା ୱାର୍ଡକୁ ସାନିଟାଇଜ୍ କରାଯାଇଛି। ଏ ନେଇ ମେଡିକାଲ କର୍ତ୍ତୃପକ୍ଷ ସଜାଗ ରହିଛନ୍ତି। ଦୁଇ ଦିନ ଧରି ୱାର୍ଡକୁ ସାନିଯାଇଜ୍ କରାଯାଇଛି। ଅନ୍ୟମାନେ ଭୟଭୀତ ହେବାର କାରଣ ନାହିଁ ବୋଲି ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି।

## ବେଆଇନ ଉତ୍ତୋଳନ, ୬ ଗିରଫ

**କଣିହାଁ, ୨୧।୪(ଡି.ଏନ.ଏ.)**

କଣିହାଁ ପୋଲିସ ବେଆଇନ କୋଇଲା ଡିପୋ ଓ ଖନନକୁ ନେଇ ବୁଧବାର ୬ ଜଣକୁ ଗିରଫ କରିଛି। ସେମାନେ ହେଲେ କୁମୁଣ୍ଡା ଗ୍ରାମର ଦୁଷ୍ମନ୍ତ ବେହେରା, ନରି ସାହୁ, ବିବସ ସାହୁ, ପ୍ରଫୁଲ୍ଲ ବେହେରା, ସୁମନ୍ତ ସାହୁ, ଲୋକନାଥ ସାହୁ। ଆଇଆଇସି ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ କହିଛନ୍ତି, ମଙ୍ଗଳବାର ଅପରାହ୍ନ ୪ଟାରେ କୁମୁଣ୍ଡା ଗ୍ରାମ ନିକଟସ୍ଥ ସିଙ୍ଗଡା ନଦୀ କୂଳରେ ୨୦ ଫୁଟରୁ ଅଧିକ ଗଭୀରରୁ ବେଆଇନ ଭାବେ କୋଇଲା ଖୋଳି ଗଚ୍ଛିତ କରୁଥିବା ବେଳେ ୬ ଜଣକୁ ପୋଲିସ ଗିରଫ କରିଥିଲା। ଉତ୍ତୋଳନରେ ବ୍ୟବହୃତ ସାମଗ୍ରୀ, ପମ୍ପ ଓ ବାଇକ୍ ସହ ୧୦ ଟନ କୋଇଲା ଜବତ କରାଯାଇଛି। ନଂ. ୧୦୯/୨୦୨୧ରେ ମାମଲା ରୁଜୁ ହୋଇଛି।



ବେଆଇନ କୋଇଲା ଖନନ ସ୍ଥାନରେ ପୋଲିସ ଚଢ଼ାଉ କରୁଛି।

## ଚୋରା କୋଇଲା ପରିବହନ: ୮ ଗିରଫ

**କଣିହାଁ, ୨୧।୪(ଡି.ଏନ.ଏ.)**

କଣିହାଁ ବ୍ଲକ ସମଲ ଥାନା ପୋଲିସ ବୁଧବାର ଟିପ ଛକଠାରେ ଚଢାଉ କରି ସ୍କୁଟର ଓ ଚୋରା କୋଇଲା ଜବତ କରିଛି। ଏହି ଘଟଣାରେ ଗହମ ଗ୍ରାମର କାଳନ୍ଦୀ ପ୍ରଧାନ, ବଲାଙ୍ଗୀ ଗ୍ରାମର ଅରୁଣ ସାମଲ, କୁଲେଇ ଗ୍ରାମର ପ୍ରଶାନ୍ତ ସାମଲ, ପ୍ରଶାନ୍ତ ବେହେରା, ଅର୍ଜୁନ ମହାନ୍ତି, ମହୀଧରପୁରର ସୁବାସ ପ୍ରଧାନ, ପଙ୍କଜ ପ୍ରଧାନ ଓ ବାରୁଆଁ ଗ୍ରାମର ବସନ୍ତ ନାଏକଙ୍କୁ ଗିରଫ କରିଛି। ଏସ୍‌ଆଇ ରାମଚନ୍ଦ୍ର ମାହାଳିକ କହିଛନ୍ତି, ସ୍କୁଟରରେ ଅଭିଯୁକ୍ତମାନେ ଟ୍ରେନରୁ କୋଇଲା ଚୋରି କରି ବିକ୍ରି କରୁଥିଲେ।

## ୩ ବଖରା ଜଳିଗଲା

**ବଇଣ୍ଡା, ୨୧।୪(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଆମ୍ବଶରମୁଣ୍ଡା ପଞ୍ଚାୟତ ଭୋଗରା ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ଟିଙ୍କୁ ଦେହୁରୀଙ୍କ ୩ ବଖରା ଜଳିଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର କ୍ଷତି ହୋଇଛି। ଖବରପାଇ ଆଠମଲ୍ଲିକ ଅଗ୍ନିଶମ ବିଭାଗ ଅଧିକାରୀ ନିଆଁକୁ ଆୟତ୍ତ କରିଥିଲେ।

## ବାହାରିଲାନି ଅପମିଶ୍ରଣ, ଯୁବକ ହଟହଟା

### ପେଟ୍ରୋଲ ପମ୍ପ କର୍ମଚାରୀ ନାକେଦମ

**ଅନୁଗୋଳ ଅଫିସ, ୨୧।୪**

ଅନୁଗୋଳ ସହର ଉପକଣ୍ଠରେ ଥିବା ଏକ ପେଟ୍ରୋଲ ପମ୍ପରେ ତେଲ ଅପମିଶ୍ରଣ ଅଭିଯୋଗକୁ ନେଇ ବୁଧବାର ଦିନତମାମ ନାକେଦମ ହୋଇଛନ୍ତି କର୍ମଚାରୀ। ହେଲେ ବାରମ୍ବାର ଯାଞ୍ଚ ପରେ ଅପମିଶ୍ରଣ ହୋଇ ନ ଥିବା ଜଣାପଡ଼ିବାରୁ ଅଭିଯୋଗକାରୀ ଯୁବକ ହଟହଟା ହୋଇ ଫେରିଥିବା ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ଯୁବକ ଜଣକ ତେଲ ପକାଇବା ପରେ ବାଇକ୍‌ର ଷ୍ଟାର୍ଟ ବନ୍ଦ ହୋଇଯାଇଥିଲା। ଗାଡ଼ି ମିସ୍ତ୍ରିଙ୍କୁ ଡାକିବାରୁ ସେ ତେଲରେ ପାଣି ଆସୁଥିବା କହିଥିଲେ। ଫଳରେ ଯୁବକ ଜଣଙ୍କ ସାଙ୍ଗସାଥୀଙ୍କ ସହ ପେଟ୍ରୋଲ ପମ୍ପରେ ପହଞ୍ଚି ଅପମିଶ୍ରଣ ଅଭିଯୋଗ କରିଥିଲେ। ଏହାକୁ ନେଇ କଥା କଟାକଟି ପରେ ଗାଡ଼ି ଟାଙ୍କି ଖୋଲାଯିବାରୁ ପାଖାପାଖି ୪ଶହ ମିଲିଲିଟର ପାଣି ବାହାରିଥିଲା। ଏହାପରେ ପେଟ୍ରୋଲ ପମ୍ପ ମେଶିନ୍ ଯାଞ୍ଚ କରାଯାଇଥିଲା। ସମସ୍ତ ପଏଣ୍ଟରୁ ବାରମ୍ବାର ଯାଞ୍ଚ କରାଯିବା ପରେ ମଧ୍ୟ କୌଣସି ଅପମିଶ୍ରଣ ଜଣାପଡ଼ି ନ ଥିଲା। ଏ ସମ୍ପର୍କରେ ପେଟ୍ରୋଲ ପମ୍ପ ମ୍ୟାନେଜର କିଶୋର ଚନ୍ଦ୍ର ସାହୁ କହିଛନ୍ତି, ତେଲରେ କୌଣସି ଅପମିଶ୍ରଣ ହୋଇନାହିଁ। ବାଇକ୍ ଟାଙ୍କିରେ ପୂର୍ବରୁ ପାଣି ପଶିଥିବ। ତାହା ଜାଣି ନ ପାରି ଯୁବକ ଜଣକ ସନ୍ଦେହ କରିଥିଲେ। ସମସ୍ତ ପ୍ରକାର ଯାଞ୍ଚ ପରେ ଅପମିଶ୍ରଣ ହୋଇ ନ ଥିବା ପ୍ରମାଣ ମିଳିଥିଲା।




ପେଟ୍ରୋଲ ପମ୍ପରେ ତେଲ ଯାଞ୍ଚ କରାଯାଉଛି।

